ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/MSME(OD)/ 1423/09-03-2021**

## ଏମ୍ଏସ୍ଏମ୍ଇ ବାଣିଜ୍ୟ ମେଳା-୨୦୨୧ ଉଦ୍ଯାପନୀ ଉତ୍ସବ
## 'ଓଡ଼ିଶାର ପାରମ୍ପରିକ କୁଟୀରଶିଳ୍ପ ଓ ହସ୍ତଶିଳ୍ପଗୁଡ଼ିକ ଉପଯୁକ୍ତ ଭାବେ ଉପସ୍ଥାପିତ ହୋଇପାରିଲେ ବିଶ୍ୱବଜାରରେ ଚହଳ ସୃଷ୍ଟି କରିପାରିବ'-ରାଜ୍ୟପାଳ

ଭୁବନେଶ୍ୱର, ତା.୦୯/୦୩/୨୦୨୧

ଓଡ଼ିଶାର ପାରମ୍ପରିକ କୁଟୀରଶିଳ୍ପ ଓ ହସ୍ତଶିଳ୍ପର ଐତିହ୍ୟ ରହିଛି । ଏହାକୁ ଉପଯୁକ୍ତ ଭାବେ ଉପସ୍ଥାପିତ କରାଯାଇପାରିଲେ ତାହା ବିଶ୍ୱବଜାରରେ ଚହଳ ସୃଷ୍ଟି କରିପାରିବ ବୋଲି ନବମ ଏମ୍ଏସ୍ଏମଇ ବାଣିଜ୍ୟ ମେଳାର ଉଦ୍ଯାପନୀ ଉତ୍ସବରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି । ଗାନ୍ଧୀଜୀଙ୍କର 'ଗ୍ରାମ ସ୍ୱରାଜ'ର ସ୍ୱପ୍ନକୁ ଏମ୍ଏସ୍ଏମ୍ଇ ବାସ୍ତବ ରୂପ ଦେଇପାରିବ ବୋଲି ସେ ସମବେତ ଉଦ୍ୟୋଗୀମାନଙ୍କୁ ସମ୍ବୋଧିତ କରିଥିଲେ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଭାରତୀୟ ଅର୍ଥନୀତି ଓ ସଂସ୍କୃତିର ମୂଳ ଆଧାର । ଏଥିରେ ପାରମ୍ପାରିକ ଜ୍ଞାନର ସଂରକ୍ଷଣ ଓ ଆଧୁନିକୀକରଣ, ବଜାର ସଂଯୋଗ, ଆର୍ଥିକ ଓ ବୈଷୟିକ ପ୍ରୋତ୍ସାହନ ଓ ସର୍ବୋପରି ବ୍ରାଣ୍ଡିଂର ଆବଶ୍ୟକତା ରହିଛି । ଏହି କ୍ଷେତ୍ରରେ ବ୍ୟାପକ କର୍ମସଂସ୍ଥାନ ଓ ନିଯୁକ୍ତି ସୁବିଧା ରହିଛି ଯାହାର ସଠିକ୍ ଉପଯୋଗ ଭାରତୀୟ ଅର୍ଥନୀତିକୁ ନୂଆ ଦିଶା ଦେଇପାରିବ ଏବଂ ୫ ଟ୍ରିଲିୟନ୍ ଅର୍ଥନୀତିର ଲକ୍ଷ୍ୟ ହାସଲ ଦିଗରେ ବିଶେଷ ସହାୟକ ହୋଇପାରିବ ବୋଲି ସେ କହିଥିଲେ ।

ବିଧାନସଭା ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଆମେ ଆଜି ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ, ଜିଡିପି ଅଭିବୃଦ୍ଧିରେ ଦେଶରେ ତୃତୀୟ ସ୍ଥାନ ହାସଲ କରିଛୁ । ସେ ଦୃଷ୍ଟିରୁ ଏମ୍ଏସ୍ଏମ୍ଇ ରାଜ୍ୟର ଅର୍ଥନୀତିର ଦୃଶ୍ୟପଟକୁ ବଦଳାଇ ଦେଇ ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହି ଅବସରରେ ରାଜ୍ୟପାଳ କେତେକ ସଫଳ ଉଦ୍ୟୋଗୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ସ୍ମୃତିଫଳକ ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆଜିର ଏହି ଉଦ୍ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବାଣିଜ୍ୟ ମେଳାର ଆଭିମୁଖ୍ୟ, ସଫଳତା ଏବଂ କାର୍ଯ୍ୟକ୍ରମ ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ